ପାଠ-୧୭

# ସାଜସଜ୍ଜା କରିବା



ସୁନୀତାର ଜନମ ଦିନ । ସାଙ୍ଗସାଥୀ ସମସ୍ତେ ମିଶି ଭୋଜି ଖାଇଲେ । ସମସ୍ତେ ଗପସପ ଓ ମଜ୍ଜା କରୁଥାନ୍ତି । ଘରକୁ ଫେରିଯିବାକୁ ମୁନା, ରୀନା ଅପାକୁ ମନେ ମନେ ଖୋଜୁଥାଏ । ଠିକ୍ ଏତିକିବେଳେ ରୀନା ଅପାର ଚେହେରା ଦେଖି

ରୀନା ଅପା କହି ପଛରୁ ଯାବୁଡ଼ି ଧରିଲା ।

ମୁନା କହିଲା - "ଅପା, ଚାଲ ଘରକୁ ଯିବା ।"

ନୀତା ବୁଲି ପଡ଼ି ମୁନାକୁ ଚାହିଁ କହିଲା - 'କ'ଣ କିରେ ମୁନା । ମୁଁ ରୀନା ଅପା   ନୁହେଁ ।

ନୀତାକୁ ଦେଖି ମୁନା ଭେଁ କରି କାନ୍ଦି ଉଠିଲା ।

ରୀନା ଅପା କାହିଁ ........ ?





ମୁନାର କାନ୍ଦ ଶୁଣି ରୀନା ଦୌଡ଼ି ଆସିଲା । ମୁନା ନୀତାକୁ ଛାଡ଼ି ରୀନାକୁ ଜାବୁଡ଼ି ଧରିଲା ।

ମୁନା କହିଲା - ଦେଖ ଅପା, ତୋ ମୁଣ୍ଡ ବେଣି - ନୀତା ଦିଦି ମୁଣ୍ଡ ବେଣି, ତୋ ଫ୍ରକ - ନୀତା ଦିଦି ଫ୍ରକ ଏକା ଭଳି ।

ତୋ ଫ୍ରକ୍‌ରେ ମାଳି ଓହଳିଛି, ନୀତା ଦିଦି ଫ୍ରକ୍‌ରେ ବି ମାଳି ଓହଳିଛି ।

ତୋ ଫ୍ରକ୍‌ର ଧଡିରେ ଚାରିକଣିଆ ଚିତ୍ର ଅଛି,

ନୀତା ଦିଦି ଫ୍ରକ୍‌ରେ ସେମିତି ଚିତ୍ର ଅଛି ।

ତୋ ଫ୍ରକ୍‌ରେ ହଂସ ଚିତ୍ର ଅଛି, ନୀତା ଦିଦିର ତ ଅଛି ।

ତୋ ଫ୍ରକ୍‌ର ଅଣ୍ଟାରେ ଝୁମୁକି ଲାଗିଛି, ନୀତା ଦିଦିର ବି ଲାଗିଛି ।

ମୁଁ ନୀତା ଦିଦିକୁ ତୁ ଭାବି ପଛରୁ ଧରି ପକାଇଲି,

କିନ୍ତୁ ଦେଖିଲାବେଳକୁ ସେ ତୁ ନୁହେଁ ।




ରୀନା କହିଲା - ସାବାସ୍, ତୁ ବଢ଼ିଆ ଦେଖି ପାରୁଛୁ-

❖ ଦେଖି କହିଲୁ, ମୋ ଫ୍ରକ୍‌ରେ ଥିବା କେଉଁ ଚିତ୍ରଗୁଡ଼ିକ ସାନୁ ସାର୍ଟରେ ଅଛି ?

..............................................................................................

❖ ମୋ ଫ୍ରକର କେଉଁ ଚିତ୍ରଗୁଡ଼ିକ ଦୀପୁ ସାର୍ଟରେ ଥିବା ଚିତ୍ର ସହ ସମାନ ?

..............................................................................................

❖ ମୋ ଫ୍ରକ୍‌ର କେଉଁ ଚିତ୍ରଗୁଡ଼ିକ ସାନିଆ ଫ୍ରକରେ ଥିବା ଚିତ୍ର ସହ ସମାନ ?

..............................................................................................

- ସମାନ ଚିତ୍ରରେ ଏକ ପ୍ରକାର ରଙ୍ଗ ଦିଅ ।



●  ଏହି ଆକୃତିଟି ଯେଉଁ ଚିତ୍ରରେ ନାହିଁ ତା' ଉପରେ ' x ' ଚିହ୍ନ ଦିଅ ।



● ପତ୍ରସଜ୍ଜାଗୁଡ଼ିକୁ ଦେଖି ଆଗକୁ ଦୁଇଟି ଚିତ୍ର କର ।



● ତୁମେ ଇଚ୍ଛା ଅନୁସାରେ ପତ୍ର ନେଇ ନୂଆ ଢ଼ଙ୍ଗରେ ଚଟାଣରେ ସଜାଅ ।

ନିର୍ଦ୍ଦିଷ୍ଟ ଆକାର ଓ ଆକୃତିର ବସ୍ତୁ ଓ ଚିତ୍ରଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜାଇଲେ ଏକ ସଂରଚନା ହୁଏ ।




୧. ଆଗକୁ ଚିତ୍ର କର ।

(କ) 

(ଖ) 

(ଗ) 


୨. ଝୋଟିକୁ ସଂପୂର୍ଣ୍ଣ କର -



୩. ଆଗକୁ ଚିତ୍ର କରିବା ପାଇଁ କାଳୁକୁ ସାହାଯ୍ୟ କର ।

(କ) 

(ଖ) 

## ଆଙ୍ଗୁଳି ଛାପରୁ ଚିତ୍ର

ସୁବୋଧ ବାପାଙ୍କ ଟେବୁଲ୍‌ରୁ କାଳି ପ୍ୟାଡ୍‌ଟା ଆଣି   ଆଙ୍ଗୁଠି ଛାପ ଦେଇ କ'ଣ କ'ଣ ଚିତ୍ର କରିଛି ଦେଖ -



- ଆଙ୍ଗୁଠି ଛାପ ଦେଇ ନିଜ ମନରୁ ଯେତେ ପାରୁଛ ସେତେ ଚିତ୍ର କର ।

ଝଡ଼ିବର୍ଷା ପରେ ଶିଲି ବଗିଚା ଭିତରକୁ ଗଲା । ପତ୍ରଗୁଡ଼ିକ ଏତେ ତେଣେ ମେଞ୍ଚା ମେଞ୍ଚା ହୋଇ ପଡ଼ିଛି । ବାଲି, ମାଟି, ପାଣି ତା ଉପରେ ଗଡ଼ି ଯାଇଛି । ଏକାଠି ପଡ଼ିଥିବା ୪/୫ଟି ପତ୍ର ଟେକି ଦେଖିଲା, ପତ୍ରଗୁଡିକର ଛାପ ପଡ଼ି ଯାଇଛି ।

ବାଃ......... କି ବଢ଼ିଆ ଚିତ୍ର ।

ତା' ମୁଣ୍ଡକୁ ବୁଦ୍ଧି ଜୁଟିଲା - 'ପତ୍ରକୁ ରଂଗରେ ବୁଡ଼ାଇ ପତ୍ର ଛାପରେ

ଚିତ୍ର କଲେ କେମିତି ହୁଅନ୍ତା ?

ସେ କ'ଣ କ'ଣ ଚିତ୍ର କଲା ଦେଖ -





**ଶିକ୍ଷକଙ୍କ ପାଇଁ ସୂଚନା** - ବିଭିନ୍ନ ପ୍ରକାର ପତ୍ର ସଂଗ୍ରହ କରି ତାକୁ ରଂଗରେ ବୁଡ଼ାଇ ଯତ୍ନର ସହିତ ଧଳା କାଗଜ ଉପରେ ଚାପି ପତ୍ରର ଛାପ ତିଆରି କରିବେ । ବାହାର ଧାରକୁ କଲମ ବା ଅନ୍ୟ ରଂଗ କଲମରେ ଗାର ଟାଣି ଧାର ତିଆରି କରିବେ ।

ତୁଳସୀ ଓ ନିମ୍ବ ପତ୍ର ନେଇ ସେମାନଙ୍କର ଛାପରେ ଚିତ୍ର ତିଆରି କର ।

- ଏବେ ସେ ବିଭିନ୍ନ ପ୍ରକାର ପରିବାକୁ କାଟି ରଂଗରେ ବୁଡ଼ାଇ କ'ଣ କଲା ଦେଖ -

(କ)



ଭେଣ୍ଡିକୁ କାଟି ରଂଗରେ ବୁଡ଼ାଇ ଛାପ ତିଆରି କର ।

(ଖ)



କଲରାକୁ କାଟି ରଂଗରେ ବୁଡ଼ାଇ ଛାପ ତିଆରି କର ।

## ବାକ୍ସରେ ଖାଲିଥିବା ସ୍ଥାନ ପୂରଣ କର ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | | 9 | 5 | | 7 | 6 |
| 5 | | 9 | 1 | | 7 | | 8 | 2 |
| 4 | | 7 | 2 | 6 | 3 | 5 | | |
| 9 | | | 7 | | | 2 | 4 | |
| | 2 | 8 | | 1 | | | 9 | 3 |
| | 3 | | 9 | 8 | 2 | | 5 | 7 |
| | 4 | 5 | 6 | | | | 3 | 1 |
| 1 | 7 | | 3 | 5 | 8 | 9 | | 4 |
| 8 | | 3 | 4 | 2 | | 7 | | 5 |

| | | | | | |
|---|---|---|---|---|---|
| 2 | | 1 | 6 | 3 | 4 |
| | 4 | 6 | 2 | 5 | |
| 1 | 2 | 5 | | 6 | |
| 4 | 6 | 3 | 5 | | 2 |
| | 1 | 4 | | 2 | 6 |
| 6 | 3 | 2 | 1 | | 5 |

| | | | | | |
|---|---|---|---|---|---|
| 1 | | 6 | 3 | 2 | 5 |
| 2 | 5 | | 1 | | 6 |
| 6 | | | 5 | 3 | |
| 5 | | 4 | 2 | 6 | |
| 3 | 6 | 1 | | | 2 |
| | | 5 | 6 | 1 | |

## ପ୍ରଥମ ଚିତ୍ରକୁ ଦେଖି ଦ୍ୱିତୀୟ ଚିତ୍ରରେ ମିଳାଇ ଖାଲିଥିବା ସ୍ଥାନ ପୂରଣ କର ।




ଚିତ୍ର ନଂ.-୧



ଚିତ୍ର ନଂ.-୨

ସର୍ବ ଶିକ୍ଷା ଅଭିଯାନ

ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ

ଏହି ପାଠ୍ୟପୁସ୍ତକ ସର୍ବଶିକ୍ଷା ଅଭିଯାନ ତରଫରୁ ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ର, ଛାତ୍ରୀ ଏବଂ ସାଧାରଣବର୍ଗର ଛାତ୍ରୀମାନଙ୍କ ମଧ୍ୟରେ ବିନାମୂଲ୍ୟରେ ବିତରଣ ପାଇଁ ଉଦ୍ଦିଷ୍ଟ । ଏହା ବିକ୍ରୟ କରାଯାଇ ପାରିବ ନାହିଁ । ସାଧାରଣ ବର୍ଗର ଛାତ୍ରମାନଙ୍କୁ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଦିଆଯାଇଛି ।



ମୁଦ୍ରଣ : ପାଠ୍ୟ ପୁସ୍ତକ ମୁଦ୍ରଣାଳୟ, ଭୁବନେଶ୍ୱର - ୧

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ, ଓଡ଼ିଶା, ଭୁବନେଶ୍ୱର